# Akashvani, Sambalpur

## SAMBALPURI NEWS BULLETIN

### 30 October 2024- 6.47- 6.52 am.

**********************************************

ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ୍     ଆର୍ଏନ୍ୟୁ / ସମ୍ବଲପୁର

ରାଜ୍ୟ ସର୍କାର୍ ଯେତେ ବିପର୍ଯ୍ୟୟ ଆସ୍ଲେ ଭିଲ୍ ତାକେ ମୁକାବିଲା କର୍ବାର୍ ଲାଗି ସକ୍ଷମ୍ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଗଲାକାଏଲ୍ ଭୁବ୍ନେଶ୍ୱର୍ ଠାନେ ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ୍ ଆଉ ଜାତୀୟ ବିପର୍ଯ୍ୟୟ ହ୍ରାସ ଦିବସ୍ ଅବ୍ସରେ ହେଇଥିବା କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ ୧୯୯୯ ର ମହାବାତ୍ୟାଥି ଜୀବନ୍ ହରେଇଥିବାର୍ ଲୁକ୍‌କୁ ଶ୍ରଦ୍ଧାଞ୍ଜଳି ଦେଇକରି ରାଜ୍ୟ ସାମ୍ନା କରିଥିବା ବାତ୍ୟା 'ଦାନା'ର ମୁକାବିଲା ବାବ୍‌ଦେ ଆଲୋଚନା କରିଥିଲେ । ସେ କହିଛନ୍ ଯେ, ଫି' ଗାଁ ନ ଗୁଟେ ଲେଖା ରେସ୍‌ପନ୍ସ ଟିମ୍ ଗଠନ୍ କରାଯିବା । ରାଜ୍ୟର୍ ୮ ଶହ ୪୪ ଟା ବାତ୍ୟା ଆଉ ବନ୍ୟା ଆଶ୍ରୟସ୍ଥଳୀର ଢାଂଚାକେ ବଦ୍‌ଲାଯିବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ଇତାର୍‌ଛଡ଼ା ବାତ୍ୟାର୍ ମୁକାବିଲା ଲାଗି ନେବାର୍‌କେ ଥିବା ପଦକ୍ଷେପ୍ ବାବ୍‌ଦେ ମୁଖ୍ୟମନ୍ତ୍ରୀ ସୂଚ୍‌ନା ଦେଇଥିଲେ ।

ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ବାତ୍ୟା 'ଦାନା'ର ସଫଲ୍ ମୁକାବିଲାଥି ଭଲ୍ କରିଥିବା ଭିନ୍ ଭିନ୍ ବର୍ଗର୍ ଶହେ ୪୨ ଝନ୍‌କୁ ମାନପତ୍ର ଆଉ ଆର୍ଥିକ୍ ପୁରସ୍କାର୍ ଦେଇଥିଲେ ।

ନେଟ୍‌ୱାର୍କ ପ୍ଲାନିଂ ଗ୍ରୁପ୍-ବୈଠକ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ଗତିଶକ୍ତି କାର୍ଯ୍ୟକ୍ରମ୍ ଅଧୀନ୍‌ଥି ନେଟ୍‌ୱାର୍କ ପ୍ଲାନିଂ ଗ୍ରୁପ୍‌ର ଗୁଟେ ବୈଠକ୍ ନୂଆଦିଲ୍ଲୀ ନ ହେଇଯାଇଛେ । ଇଥି ଦେଶର୍ ଅଲ୍‌ଗା କେତେ ପ୍ରକଳ୍ପ ସହେତେ ଓଡ଼ିଶାର୍ ଝାର୍‌ସୁଗୁଡ଼ା- ଶାସନ୍ ରେଲ୍‌ଲାଇନ୍‌ର ୩ ନମ୍ବର୍ ଆର୍ ୪ ନମ୍ବର୍ ଲାଇନ୍ ଆଉ ସମ୍ବଲ୍‌ପୁର୍‌ନୁ ଜର୍‌ପଡ଼ାକେ ୩ ନମ୍ବର୍ ଆର୍ ୪ ନମ୍ବର୍ ରେଲ୍‌ଲାଇନ୍ ପ୍ରକଳ୍ପର୍ ସମୀକ୍ଷା କରାଯାଇଥିଲା । ଇସବୁ ପ୍ରକଳ୍ପ ଦେଶର୍ ମାଲ୍ ପରିବହନ୍‌ଥି ଉନ୍ନତି ଆନ୍‌ବା ।

ବିଶ୍ୱ ମିତବ୍ୟୟିତା ଦିବସ /ଆର୍‌ଏନ୍‌ୟୁ ସମ୍ବଲପୁର

ଆଏଜ୍ ବିଶ୍ୱ ମିତବ୍ୟୟିତା ଦିବସ । ଦର୍‌କାର୍ ଅନ୍‌ସାରେ ଖର୍ଚ୍ଚା କରିକରି ସଂଚୟକେ ଗୁଟେ ଅଭ୍ୟାସ୍ କର୍‌ବାର୍ ଲାଗି

ଆଝିର୍ ଦିନେ ଲୋକ୍‌ମାନ୍‌କୁ ସଚେତନ୍ କର୍‌ବାର୍‌କେ ଇ ଦିନ୍ ପାଲନ୍ କରାଯାଏସି । ୧୯୪୨ ମସିହା ଆଝିର୍ ଦିନେ ଇଟାଲିର ମିଲାନ୍ ଠାନେ ପହେଲା ଆନ୍ତର୍ଜାତୀୟ ସଂଚୟ ବେଙ୍କ୍ କଂଗ୍ରେସ୍ ନ ବିଶ୍ୱ ସଂଚୟ ଦିବସ୍ ମୁଲ୍ ହେଇଥିଲା । ଇ ଅବ୍‌ସରେ ରାଜ୍ୟପାଲ୍ ରଘୁବର୍ ଦାସ ଗୁଟେ ବାର୍ତା ଦେଇକରି କହିଛନ୍ ଯେ, ମିତବ୍ୟୟିତା ଅବଲମ୍ବନ୍ କରିକରି ନିୟମିତ ସଂଚୟ ଜରିଏ ଆର୍ଥିକ୍ ସ୍ୱାବଲମ୍ବନତା ହାସଲ୍ କର୍‌ବାର୍‌ଟା ଆଝିର୍ ଦିନେ ସମସ୍ତଙ୍କର୍ ସଂକଳ୍ପ ହେଉ । ସେନ୍ତା ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ତାଙ୍କର୍ ବାର୍ତାଥି କମ୍ ସମିଆ ଭିତ୍‌ରେ ଅଏତ୍‌କା ଅର୍ଥ ପ୍ରାପ୍ତ ଲାଳସାଥି କେନ୍‌ସି ଅଣସ୍ୱୀକୃତୀ ପ୍ରାପ୍ତ ଅର୍ଥ ଲଗାଣକାରୀ ସଂସ୍ଥାଥି ଟଙ୍କା ଖଟେଇକରି ଠକେଇଥି ନାଇଁ ପଡ଼୍‌ବାର୍‌କେ ରାଜ୍ୟବାସୀଙ୍କୁ ଅନୁରୋଧ୍ କରିଛନ୍ ।

ଜେଇଇ ମେନ        ଆର୍‌ଏନ୍‌ୟୁ / ସମ୍ବଲପୁର

୨୦୨୫-୨୬ ଶିକ୍ଷା ବଛ୍‌ରେ ଏନ୍‌ଆଇଟି, ଆଇଆଇଟି କେନ୍ଦ୍ରୀୟ ବୈଷୟିକ ଶିକ୍ଷାନୁଷ୍ଠାନ୍ ଅନୁଦାନ୍ ପ୍ରାପ୍ତ ବିଶ୍ୱବିଦ୍ୟାଳୟ ରାଜ୍ୟ ସର୍‌କାର୍‌ଙ୍କର୍ ଅଧୀନ୍ ଶିକ୍ଷାନୁଷ୍ଠାନ୍ ନ ବିଟେକ୍/ ବିଇ ଆର୍ ବି.ଆର୍ଚ୍, ବି. ପ୍ଲାନିଂ ପାଠ୍ୟକ୍ରମ୍‌ଥି ନାଁଲେଖା ଲାଗି ଜେଇଇ

ପ୍ରବେଶିକା ପରୀକ୍ଷା-ଜେଇଇ ମେନ୍  ଜାନୁଆରୀ ୨୨ ତାରିଖ୍ ନୁ ହେବା । ଇତାର୍‌ସହେତେ ଦେଶେ ଆଇଆଇଟି ମାନ୍‌କେ ନାଁଲେଖାବାର୍ ଲାଗି ଜେଇଇ ମେନ୍‌ର ଯୋଗ୍ୟ ଛାତ୍ରଛାତ୍ରୀ ଜେଇଇ ଆଡ଼ଭାନ୍ସ୍‌ଥି ଭାଗ୍ ନେଇପାର୍‌ବେ । ଏଥର ଭିଲ୍ ୨ ଟା ସେସନ୍‌ଥି ଜେଇଇ ମେନ୍ ପରୀକ୍ଷା ହେବା । ସେସନ୍ - ୧ ଜାନୁଆରୀ ମାସେ ହେବାର୍‌କେ ଥିବାର୍ ବେଲେ ସେସନ୍ -୨ ପରୀକ୍ଷା ଏପ୍ରିଲ୍ ମାସେ କରାଯିବା । ଜାନୁଆରୀ ୨୨ ନୁ ୩୧ ତାରିଖ୍ ଭିତ୍‌ରେ ହେବାର୍‌କେ ଥିବା ସେସନ୍ -୧ ପରୀକ୍ଷା ଲାଗି ଅନ୍‌ଲାଇନ୍ ଆବେଦନ୍ ମୁଲ୍ ହେଇଛେ ।

କାଲୀପୂଜା- ସ୍ୱତନ୍ତ୍ର ଟ୍ରେନ୍       ଆର୍‌ଏନ୍‌ୟୁ /ସମ୍ବଲପୁର

ରେଲ୍‌ମନ୍ତ୍ରଣାଳୟ ତର୍‌ଫୁ କାଲୀପୂଜା ଆଉ ଛଟ୍‌ପୂଜା ସମିଆଥି ଯାତ୍ରୀମାନ୍‌କର୍ ସୁବିଧାର୍ ଲାଗି ୨୭ ଜୁଡ଼ା ସ୍ୱତନ୍ତ୍ର ଟ୍ରେନ୍ ଚଲାଚଲ୍ କରୁଛେ । ସେ ଭିତ୍‌ରୁ ୧୮ ଜୁଡ଼ା ଟ୍ରେନ୍ ଆଏବା ମାସ ଶେଷ୍ ହପ୍ତାତକ୍ ଚଲାଚଲ୍ କର୍‌ବାର୍‌କେ ଥିବାର୍ ବେଲେ ୨ ଜୁଡ଼ା ସ୍ୱତନ୍ତ୍ର ଟ୍ରେନ୍ ନଭେମ୍ବର୍ ପହେଲା ହପ୍ତା ଆଉ ୭ ଜୁଡ଼ା ସ୍ୱତନ୍ତ୍ର ଟ୍ରେନ୍ ଡିସେମ୍ବର୍‌ତକ୍ ଚଲାଚଲ୍ କର୍‌ବା । ସେନ୍ତା ସମ୍ବଲ୍‌ପୁର୍‌ନୁ ଏରୋଡ୍, ବିଶାଖାପାଟ୍‌ନମ୍ ଠାନୁ ସିକନ୍ଦରାବାଦ୍, ବେଙ୍ଗାଲୁରୁ-

ତିରୁପତି- ଚେନ୍ନାଇ-କୋଲାମ୍- ସାଲିମାର୍ ଆର୍ ଆରାକୁଦ୍ ତକ୍ ଇ ବିଶେଷ୍ ଟ୍ରେନ୍ ଚଲାଚଲ୍ କରୁଛେ ।

ବନକଲାଗି ନୀତି ଆର୍ଏନ୍ୟୁ/ କଟକ୍

ପୁରୀ ଶ୍ରୀମନ୍ଦିର୍ ନ ଆଏଜ୍ ଶ୍ରୀବିଗ୍ରହମାନ୍କର୍ ବନକଲାଗି ନୀତି ହେବା । ଇ ଖାସ୍ ନୀତି ଲାଗି ୨ ନମ୍ବର୍ ଭୋଗମଣ୍ଡପ ନୀତି ଶେଷ୍ ହେବାର୍ ଉତ୍ରୁ ଉପର୍ବେଲା ୫ ବଜେନୁ ରାତି ୧୦ ବଜେତକ୍ ୫ ଘଂଟା ଲାଗି ସର୍ବସାଧାରଣ ଦର୍ଶନ୍ ବନ୍ଦ୍ ରହେବା । ସେ ସମିଆଥି ଦତ ମହାପାତ୍ର ଆଉ ଦଇତାପତି ସେବକ୍ମାନେ ଗୁପ୍ତନୀତି କର୍ବେ ।

ଦିଆଲୀ ଷ୍ଟଲ- ସମ୍ବଲପୁର ଆର୍ଏନ୍ୟୁ /ସମ୍ବଲପୁର

ସମ୍ବଲ୍ପୁର୍ ସହରର୍ ଗୋଲ୍ବଜାର୍, ଲକ୍ଷ୍ମୀଟକିଜ୍ ଆର୍ ଆଶାପାଲି ସ୍କୁଲ୍ ପାଖେ ପ୍ରତ୍ୟୁଶର୍ ଗ୍ରୁପ୍ ଆର୍ ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନ୍କର୍ ୩ ଟା ଦିଆଲୀ ଷ୍ଟଲ୍ ଖୁଲାଯାଇଛେ । ଜିଲ୍ଲା ଉନ୍ନୟନ୍ ଅଧିକାରୀ ଆଉ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଧର୍ମେନ୍ଦ୍ର ମଲ୍ଲିକ୍ ଗଲାକାଏଲ୍ ଇ ଷ୍ଟଲ୍ ମାନ୍କର୍ ଉଦ୍ଘାଟନ୍

କରିଥିଲେ । ଇ ଷ୍ଟଲ୍ ମାନ୍କେ ଦିଆଲି ଥି ବେଭାର୍ ହେଉଥିବା ମିଠା, କୁକିଜ୍, ଚକ୍ଲେଟ୍, ଉପହାର୍ ପେକ୍, ମହମ୍ବତୀ, ଅଗର୍ବତୀ, ଦୀପ, ତେଲ ବାଗିର୍ ଜିନିଷ୍ ବିକ୍ରି କରାଯାଉଛେ ।

ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ-ସମ୍ବଲପୁର ସମ୍ବଲପୁର

ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ୍ ଗଲାକାଏଲ୍ ସମ୍ବଲ୍ପୁର୍ର ଜିଲ୍ଲା ପରିଷଦ୍ ସମ୍ମିଲନୀ କକ୍ଷ ନ ଅତିରିକ୍ତ ଜିଲ୍ଲାପାଳ୍ ଅଜାମ୍ବର୍ ମହାନ୍ତିଙ୍କର୍ ଅଧ୍ୟକ୍ଷତାଥି ହେଇଯାଇଛେ । ଇ ଅବ୍ସରେ ଗୁଟେ ସଚେତନତା ମାରାଥନ୍ ଚନ୍ଦ୍ରଶେଖର୍ ବେହେରା ଜିଲ୍ଲାସ୍କୁଲ୍ ନୁ ସମଲେଶ୍ୱରୀ କଲେଜ୍ତକ୍ ଯାଇଥିଲା । ଇଥି ଜିତିଥିବା ଛାତ୍ରଛାତ୍ରୀମାନ୍କୁ ପୁରସ୍କୃତ କରାଯାଇଥିଲା ।

କୃଷକ୍ ଦକ୍ଷତା ବୃଦ୍ଧି ସଚେତନତା କାର୍ଯ୍ୟକ୍ରମ

ଆର୍ଏନ୍ୟୁ /ସମ୍ବଲପୁର

ଦେବ୍ଗଡ଼୍ ଜିଲ୍ଲା କୃଷି କାର୍ଯ୍ୟାଳୟ ସଭାଗୃହ ନ ବୃହତ୍ ଉଠା ଜଲ୍ସେଚନ୍ ପ୍ରକଳ୍ପ ଇଲାକା ନ ଫସଲ୍ ବିବିଧିକରଣ ଅଧୀନ୍ଥି ସବୁ କର୍ମକର୍ତା ଆର୍ କୃଷକ୍ମାନ୍କର୍ ଦକ୍ଷତା ବଢ଼ାବାର୍ ଲାଗି

ଗୁଟେ ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । ଇଥି ସିଡ଼ିପିର କାର୍ଯ୍ୟକ୍ରମ୍, ମାଟିର ସ୍ୱାସ୍ଥ୍ୟ,ଫସଲ୍‌ର ଆଗ୍‌ର ଆର୍ ପଛର୍ ପରିଚାଲନା, ପ୍ରକ୍ରିୟାକରଣ ଆଉ ମୂଲ୍ୟଯୁକ୍ତ କୃଷକ୍ ଉତ୍ପାଦକ କମ୍ପାନୀ ବାବ୍‌ଦେ ଆଲୋଚନା କରାଯାଇଥିଲା ।